ପିଲାମାନଙ୍କ ପାଇଁ ବାଇବଲ

ଉପହାର

# ପିତର ଓ ପ୍ରାର୍ଥନାର ଶକ୍ତି



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପିତର ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବାକୁ ସାରା ଦେଶ ଭ୍ରମଣ କଲେ । ଦିନକରେ, ଲୁଦ ନାମକ ନଗରରେ, ସେ ଏକ ପକ୍ଷାଘାତ ରୋଗିଙ୍କର ଦେଖା ପାଇଲେ । ତାଙ୍କୁ ପକ୍ଷାଘାତ ରୋଗ ପ୍ରାୟ ଆଠ ବର୍ଷ ହେଇଥିଲା । ଯୀଶୁଖ୍ରୀଷ୍ଟ ତୁମ୍ଭକୁ ସୁସ୍ଥ କଲେ, ଉଠ ତୁମ୍ଭର ଶେଜ ସଜାଡ଼, ପିତର ତାହାଙ୍କୁ କହିଲେ ।

ତତ୍କ୍ଷଣାତ୍ ସେ ଉଠିଲେ ।



ଯେଉଁ ଲୋକମାନେ ତାହା
ଦେଖିଲେ ସେମାନେ ସଦାପ୍ରଭୁଙ୍କ
ନିକଟକୁ ଫେରିଲେ ।





ଯାଫ଼ ନାମକ ଏକ ନିକଟତର  ନଗରର ଲୋକମାନେ ଦୁଃଖରେ ଥିଲେ, ଏକ ସ୍ତ୍ରୀ ଯାହାର ନାମ ଦର୍କା ସେ ଯୀଶୁଙ୍କ ବିଶ୍ୱାସି ଥିଲେ । ସେହିସମୟରେ ସେ ପିଡ଼ିତା ହୋଇ ପ୍ରାଣତ୍ୟାଗ କଲେ ।

ଦୁଃଖରେ ତାଙ୍କର ବନ୍ଧୁମାନେ ତାହାର ଶରିରର ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତ କଲେ, ତାହାପରେ ସେମାନେ ତାହାଙ୍କୁ ଉପର କୋଠରିରେ ଶୁଆଇଦେଲ ।





କିନ୍ତୁ, ଦର୍କାର ବନ୍ଧୁମାନେ ପିତର
ନିକଟରେ ଅଛନ୍ତି ବୋଲି ଶୁଣି
ତାହାଙ୍କ ନିକଟକୁ ଲୋକ ପଠାଇ
କହିଲେ ଆମ୍ଭମାନଙ୍କ ନିକଟକୁ
ଆସିବାକୁ ବିଳମ୍ବ କରନ୍ତୁ ନାହିଁ ।



ଯେତେବେଳେ ପିତର ଉପର
କୋଠରିକୁ ଗଲେ, ଆଉ ବିଧବାମାନେ
ସମସ୍ତେ ତାଙ୍କୁ ଘେରି ବିଳାପ କରୁ
କରୁ ଦର୍କା ସେମାନଙ୍କ ସଙ୍ଗରେ ଥିବା
ସମୟରେ ଯେଉଁସବୁ ଅଙ୍ଗରଖା ଓ
ବସ୍ତ୍ରଗୁଡ଼ିକ ବନାଇଥିଲେ ସେହିସବୁ
ଦାଖାଇବାକୁ ଲାଗିଲେ । ସମସ୍ତେ
ବିଳାପ କରୁଥିଲେ ।

କିନ୍ତୁ ପିତର ସମସ୍ତଙ୍କୁ ବାହାର
କରିଦେଇ, ଆଣ୍ଠୁମାଡ଼ି ପ୍ରାର୍ଥନା କଲେ ।
ପୁଣି ଶବ ଆଡ଼କୁ ବୁଲିପଡ଼ି କହିଲେ,
ଦର୍କା ଉଠ । ସେଥିରେ ସେ ତାହାର
ଆଖି ମେଲା କଲା, ଓ ପିତରଙ୍କୁ
ଦେଖି ସେ ଉଠି ବସିଲା ।





ସେ ହାତଦେଇ ତାଙ୍କୁ
ଉଠାଇଲେ, ଏବଂ
ସାଧୁମାନଙ୍କୁ ଓ ବିଧବା
ମାନଙ୍କୁ ଡାକି ତାଙ୍କୁ ଜୀବୀତ
ଦେଖାଇଲେ । ଏହିକଥା
ଯାଫୋର ସବୁଆଡ଼େ
ଜଣାପଡ଼ିଲା ଓ ଅନେକେ
ପ୍ରଭୁଙ୍କଠାରେ ବିଶ୍ୱାସ
କଲେ ।


ପିତର ଅନେକ ଦିନ ପ୍ରଯ୍ୟନ୍ତ ଯାଫୋରେ ବାସ କଲେ, ସେ ସମୁଦ୍ର
କୂଳରେ ଥିବା ଏକ ଗୃହରେ ରହିଲେ । ଦିନେ ପିତର
ପ୍ରାର୍ଥନା କରିବା ନିମନ୍ତେ ଛାତ ଉପରକୁ ଗଲେ ।
ଯଦି ସେ ନଗର ଆଡ଼କୁ ଚ଼ାହିଁଥାନ୍ତେ
ତେବେ ସେହି ତିନଜଣଙ୍କୁ ଦେଖି
ପାରିଥାଆନ୍ତେ ଯେଉଁମାନେ
ତାହାଙ୍କର ସଂନ୍ଧାନରେ
ଆସୁଥିଲେ ।

ଏହି ଲୋକମାନେ ରୋମିୟ ସୈନିକ କର୍ଣ୍ଣଲୀୟର
ଦାସମାନେ ଥିଲେ । କର୍ଣ୍ଣଲୀୟ ସଦାପ୍ରଭୁଙ୍କର ଉପାସକ ଥିଲେ ।



କର୍ଣ୍ଣଲୀୟ ତାଙ୍କ
ଦାସମାନଙ୍କୁ ପିତରଙ୍କ ଅନ୍ୱେଷଣ
କରିବାକୁ ପ୍ରେରଣ କଲେ କାରଣ
ଜଣେ ଦୂତ ତାଙ୍କୁ ସ୍ୱପ୍ନରେ ଦର୍ଶନ
ଦେଇ କହିଲେ, ପିତରଙ୍କ ଡକାଇ ଆଣ ।

ସେ ଶିମୋନ ନାମକ ଜଣେ ଚ଼ର୍ମକାରଙ୍କ ଅତିଥି ସ୍ୱରୂପେ ବାସ କରୁଅଛନ୍ତି ।
ଯାହାର ଘର ସମୁଦ୍ର କୂଳରେ । ସେ ତୁମ୍ଭକୁ ଜଣାଇବେ କଅଣ କରିବାକୁ ହେବ ।



ଯେତେବେଳେ ପିତର ଛାତ ଉପରେ ପ୍ରାର୍ଥନା କରୁଥିଲେ, ସଦାପ୍ରଭୁ ତାହାଙ୍କୁ ଏକ ଦର୍ଶନ ଦେଲେ ।

ଆକାଶ ଉନ୍ନୁକ୍ତ ହୋଇଅଛି ପୁଣି ଗୋଟିଏ ପାତ୍ର ତିଳକୁ ଆସୁଅଛି ଯେପରି ଗୋଟିଏ ବଡ଼ ଚ଼ାଦର

ଚ଼ାରି କୋଣରେ ଧରାହୋଇ ପୃଥିବି ଉପରକୁ

ଖସାଇ ଦିଆଯାଉଛି ।



ସେଥିରେ ପୃଥିବିର ସର୍ବପ୍ରକାର ଚତୁଷ୍ପଦ ପ୍ରାଣୀ, ସରୀସୃପ ଓ ଆକାଶର ପକ୍ଷୀ ଗୁଡ଼ିକ ଅଛନ୍ତି ।
ପିତର ଯାହାକୁ ଅସୁଚି କହିପାରନ୍ତି । ତାହାର ତାତ୍ପର୍ଯ୍ୟ ହେଲା ଯେ ଧର୍ମୀୟ ଯିହୁଦୀ ମାନଙ୍କୁ ତାହା
ଭୋଜନ କରିବା ଅନୁମତି ନ ଥିଲା । ତାଙ୍କ ପ୍ରତି
ଏହି ବାଣି ହେଲା ହେ ପିତର
ଉଠ, ବଧ କରି
ଭୋଜନ କର ।



ନାହିଁ ପ୍ରଭୁ, ପିତର ସଦାପ୍ରଭୁଙ୍କୁ କହିଲେ । ମୁଁ କେବେହେଲେ କୌଣସି ଅପବିତ୍ର ଓ ଅଶୁଚି ପଦାର୍ଥ ଭୋଜନ କରିନାହିଁ । ପିନଷ୍ଟ ଦ୍ଵୀତୀୟ ଥର ତାଙ୍କପ୍ରତି ଏହି ବାଣି ହେଲା । ଈଶ୍ଵର ଯାହା ଶୁଚି କରିଅଛନ୍ତି ତାହା ତୁମେ ଅଶୁଚ୍ ବୋଲି ନ କୁହ । ଏହି ପ୍ରକାର ତିନିଥର ହେଲା । ଆଉ ତତ୍କ୍ଷଣାତ୍ ସେହି ପାତ୍ରଟି ଆକାଶକୁ ଉଠାଇ ନିଆଗଲା ।



ପିତର ଯେଉଁ ଦର୍ଶନ ପାଇଥିଲେ, ସେଥିର ତାତ୍ପର୍ଯ୍ୟ କଅଣ
ତାହା ଭାବି ସେ ହତବୁଦ୍ଧି ହେଉଥିବା ସମୟରେ ଆତ୍ମା
ତାଙ୍କୁ କହିଲେ ଦେଖ ତିନଜଣ ଲୋକ ତୁମକୁ ଖୋଜୁଅଛନ୍ତି
ଉଠ ସେମାନଙ୍କ ସଂଙ୍ଗରେ ଯାଅ ।



ଯେତେବେଳେ ତିନିଜଣ ସେହି ପବିତ୍ର ଦୂତଙ୍କ ପ୍ରତ୍ୟାଦେଶ ପାଇଅଛନ୍ତି ତାହା ଜଣାଇଲେ, ସେତେବେଳେ ପିତର ଜାଣିପାରିଲେ ସଦାପ୍ରଭୁ ତାଙ୍କୁ ଆଗେଇ ନେଉଛନ୍ତି । ତିହିଁ ଆରଦିନ ସେ ଉଠି ଅନ୍ୟ ଛଅଜଣ ସାଥିଙ୍କ ନେଇ ସେମାନଙ୍କ ସହିତ କର୍ଣ୍ଣୀଲୀୟଙ୍କ ଗୃହକୁ ପ୍ରସ୍ଥାନ କଲେ ।





ହୋଇପାରେ, ସେ ଯେ ଏକ ଅଣ-ଯିହୁଦୀୟ
ଗୃହକୁ ଯାଉଅଛନ୍ତି, ସେତେବେଳେ ପିତର
ବୁଝିପାରିଲେ ସଦାପ୍ରଭୁ ସମସ୍ତଙ୍କୁ ସ୍ନେହ
କରନ୍ତି । ସଦାପ୍ରଭୁ ଚ଼ାହାନ୍ତି ସମସ୍ତ ଜାତି
ଜାଣନ୍ତୁ ଯେ ଯୀଶୁ ଜଗତର ଉଦ୍ଧାକର୍ତ୍ତା
ଅଟନ୍ତି । ପିତର ପ୍ରବେଶ କରନ୍ତେ
କର୍ଣ୍ଣୀଲୀୟ ତାଙ୍କୁ ଭେଟି ଚ଼ରଣ
ତଳେ ପଡ଼ି ତାଙ୍କୁ ପ୍ରଣାମ କଲେ ।

୨୦ । ମୁଁ ମଧ୍ୟ ଜଣେ ମନୁଷ୍ୟ, ପିତର କର୍ଣ୍ଣୀଲୀୟଙ୍କୁ କହିଲେ । ଆଉ ସେ ଗୃହର ସମସ୍ତ ଲୋକଙ୍କୁ କହିଲେ, କୌଣସି ଲୋକ ସଂଙ୍ଗରେ ମିଶିବା କିମ୍ବା ତାହା ପାଖକୁ ଯିବା ଯିହୁଦୀ ଲୋକ ପକ୍ଷରେ କିପରି
ବିଧିସଂଗତ
ନୁହେଁ ।



କିନ୍ତୁ କୌଣସି ଲୋକକୁ ଅପବିତ୍ର କିମ୍ବା ଅଶୁଚି ବୋଲି ନ କହିବାକୁ ଇଶ୍ୱର ମୋତେ ଦେଖାଇଅଛନ୍ତି ।



ପିତର ସେହି ବିଜାତୀୟ ଲୋକମାନଙ୍କୁ କହିଲେ, ଯୀଶୁ ଇଶ୍ୱରଙ୍କ ପୁତ୍ର ଅଟନ୍ତି, ସେ କ୍ରୁଶରେ ହତ ହେଲେ ଆଉ ମୃତ୍ୟୁରୁ ଉଠି ଜଗତର ଉଦ୍ଧାରକର୍ତ୍ତା ହେଲେ । ତାହାପରେ ପବିତ୍ର ଆତ୍ମା ସେ ସମସ୍ତଙ୍କ ଉପରେ ଅବତରଣ କଲେ ଏବଂ ସେ ସମସ୍ତେ ଇଶ୍ୱରଙ୍କ ସହିମା କଲେ । ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସିମାନେ ସମସ୍ତେ ଆଚମ୍ବିତ ହେଲେ । ଏହା ମଧ୍ୟ ପେଣ୍ଟିକଷ୍ଟ ଦିବସ ପରି ହେଲା । ଇଶ୍ୱର ବିଜାତି ମାନଙ୍କ ଉପରେ ଶୁଦ୍ଧା ପବିତ୍ର ଆତ୍ମା ଦାନ କରିନ୍ତି ।




ତାହାପରେ ପିତର ସେହି ନୂତନ ବିଶ୍ୱାସିମାନଙ୍କୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଦେଲେ ।

ପିତର ବିଜାତୀୟ ମାନଙ୍କ ନିକଟକୁ ଯିବାହେତୁରୁ ଯିରୁଶାଲମରେ ସୁନ୍ନତ ବିଶ୍ୱାସିମାନେ ପିତରଙ୍କ ସହିତ ବିବାଦ କଲେ । କିନ୍ତୁ ପିତର ପ୍ରାରଥନାରେ ଦର୍ଶନ ପାଇଥିବା କଥା ଓ କର୍ଣ୍ଣୀଲୀୟ ଦେଖିଥିବା ଦର୍ଶନ ବିଷୟରେ ମଧ୍ୟ ସେମାନେଙ୍କୁ ଜଣାଇଲେ । ଏହି ସମସ୍ତ କଥା ଶୁଣିବାରୁ ସେମାନେ ନିରୁତ୍ତର ହେଲେ ଓ ଈଶ୍ୱରଙ୍କର ପ୍ରଶଂସା କରି କହିଲେ, ତେବେ ଈଶ୍ୱର ବିଜାତି ମାନଙ୍କୁ ମଧ୍ୟ ଜୀବନ ପ୍ରାପ୍ତି ନିମନ୍ତେ ମନ ପରିବର୍ତ୍ତନ ଦାନ କରିଅଛନ୍ତି ।



# ପିତର ଓ ପ୍ରାର୍ଥନାର ଶକ୍ତି

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୯-୧୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬